# Akashvani, Sambalpur

## SAMBALPURI NEWS EVENING BULLETIN

**20 December 2025- 7.02 pm- 7.12 pm.**

*********************************************

୧- ସଶସ୍ତ୍ର ସୀମା ବଳ ଦେଶର୍ ସୁରକ୍ଷାର୍ ଗୁଟେ ଶକ୍ତ ଆଧାର୍ ସ୍ତମ୍ଭ ।

- ୬୨ ନମ୍ବର୍ ଥାପ୍‌ନା ଦିବସ୍‌ଥି କହେଲେ ପ୍ରଧାନ୍‌ମନ୍ତ୍ରୀ ।

୨- ଝାର୍‌ସୁଗୁଡ଼ା ଜିଲ୍ଲା ନ ୩ ଶହ ୪୩ କୋଟି ଟଙ୍କାର୍ ପ୍ରକଳ୍ପର୍ ଶିଳାନ୍ୟାସ୍ କଲେ- ପୂର୍ତ୍ତମନ୍ତ୍ରୀ ।

୩- ଭୁବ୍‌ନେଶ୍ୱର୍ ନ ଚାଲିଥିବା ସର୍ଗିଫୁଲ ମହୋତ୍ସବ୍ ୨୦୨୫ ଆଏଜ୍ ହେଉଛେ ଉଦ୍‌ଯାପିତ୍ ।

ଆଉର୍

୪- ସମ୍ବଲ୍‌ପୁର୍ ନ ଆଏବା ଜାନୁଆରୀ ୧୮ ନୁ ୨୨ ତାରିଖ୍‌ତକ୍ ହେବା ସମ୍ବଲ୍‌ପୁରୀ ଧନୁଯାତ୍ରା ।

ସଶସ୍ତ୍ର ସୀମା ବଳ-ଥାପ୍‌ନା ଦିବସ୍ ଆର୍‌ଏନ୍‌ୟୁ/ କଟକ୍

ଦେଶର୍ ସୀମା ସୁରକ୍ଷା ଲାଗି ସବୁବେଳେ ଜାଗ୍ରତ୍ ରହୁଥିବା ସଶସ୍ତ୍ର ସୀମା ବଳ ଆଏଜ୍ ତାର୍ ୬୨ ନମ୍ବର୍ ଥାପ୍‌ନା ଦିବସ୍ ପାଲନ୍ କରୁଛେ । ଜବାନ୍ ମାନ୍‌କର୍ ସାହାସ୍, ସୌର୍ଯ୍ୟ ଆଉ ତ୍ୟାଗ ଲାଗି ଦେଶ୍‌ବାସୀ ସୁରକ୍ଷିତ ଜୀବନ୍‌ଯାପନ କରୁଛନ୍ । ସେମାନ୍‌କର୍ ଦୃଢ଼୍ ମନୋବଳ ଆଉ କର୍ତବ୍ୟପରାୟଣ ଜାତୀୟ ସୁରକ୍ଷାର୍ ସ୍ତମ୍ଭ ଭାବେ ଉଭା ହେଇଛେ ।

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ସଶସ୍ତ୍ର ସୀମା ବଳର ଥାପ୍‌ନା ଦିବସ୍ ଅବ୍‌ସରେ ସୁରକ୍ଷା କର୍ମୀଙ୍କୁ ଅଭିନନ୍ଦନ୍ ଜନେଇଛନ୍ । ସଶସ୍ତ୍ର ସୀମା ବଳ ଦେଶର୍ ସୁରକ୍ଷାର ସଶକ୍ତ ଆଧାର୍ ସ୍ତମ୍ଭ । ଯବାନ୍‌ମାନେ ଭିନ୍ ଭିନ୍ ଦୁର୍ଗମ୍ ଇଲାକା ନ ଅଭିଯାନ୍ ଚଲେଇକରି ଦେଶର୍ ସୁରକ୍ଷାକେ ସୁନିର୍ଶ୍ଚିତ୍ କର୍‌ବାର୍ ସହେତେ ସବୁବେଳେ ଜାଗ୍ରତ୍ ରହିଛନ୍ ବଲି ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ ।

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଇ ଦିବସ୍‌ର ଶୁଭେଚ୍ଛା ଜନେଇକରି କହିଛନ୍, ସୀମାକେ ସୁରକ୍ଷା ଦେବାର୍ ଭିତ୍‌ରିଆ ସୁରକ୍ଷାକେ ସଶକ୍ତ କର୍‌ବାର୍ ଆଉ ଅଟଳ ପ୍ରତିବଦ୍ଧତା ସହେତେ ଦେଶ୍‌ସେବା କର୍‌ବାର୍‌ଥି ସଶସ୍ତ୍ର ସୀମା ବଳ ଯବାନ୍‌ମାନ୍‌କର୍ ସାହସ୍, ଶୃଙ୍ଖଲା ଆଉ ସମର୍ପଣ ପ୍ରଶଂସନୀୟ ।

ରାଜସ୍ୱ ମନ୍ତ୍ରୀ          ଆର୍‌ଏନ୍‌ୟୁ/ କଟକ୍

ରାଏଜେ ବେଭାର୍ ନାଇଁ ହେଇକରି ପଡ଼ିରହିଥିବା ସର୍‌କାରୀ କ୍ୱାଟର୍ସ ମାନ୍‌କେ କାର୍ଯ୍ୟକ୍ଷମ କରାଯାଇକରି ବିକାଶ୍‌ମୂଲକ୍ କାମ୍‌ଥି ଲଗାଯିବା ବଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ । କୋରାପୁଟ୍ ଜିଲ୍ଲା ଜୟପୁର୍ ଠାନେ ରାଜସ୍ୱ ନିରୀକ୍ଷକମାନ୍‌କର୍ ସଙ୍ଗେ ବୈଠକ୍ କରିକରି ଶ୍ରୀ ପୂଜାରୀ କହିଛନ୍, ଜମି ଜବର୍‌ଦଖଲ୍ ରୁକ୍‌ବାର୍ ଲାଗି ତହସିଲ୍‌ଦାର୍‌ମାନ୍‌କର୍ ନୁ ରାଜସ୍ୱ ନିରୀକ୍ଷକମାନ୍‌କର୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛେ । ସଚ୍ଚୋଟତାର୍ ସହେତେ କାମ୍ କରିକରି ରାଜ୍ୟର୍ ବିକାଶ୍‌ଥି ଭାଗିଦାର୍ ହେବାର୍ ଲାଗି ଶ୍ରୀ ପୂଜାରୀ ପରାମର୍ଶ ଦେଇଛନ୍ ।

ବି.ଭି. ଜି ରାମ୍ ଜୀ ବିଲ୍          ଏନ୍‌ଏସ୍‌ଡି

ବିକଶିତ୍ ଭାରତ୍ ନିର୍ଶ୍ଚିତ ରୋଜ୍‌ଗାର୍ ଆଉ ଆଜୀବିକା ମିଶନ୍ ଗ୍ରାମୀଣ- ବି.ଭି. ଜି ରାମ୍ ଜୀ ବିଲ୍ -୨୦୨୫ ଖାଲି ଚାଷୀ ଆଉ ଶ୍ରମିକ୍‌ମାନ୍‌କୁ ଲାଭ୍ ନାଇଁ ହୁଏ, ଇଟା ଗାଁ ଇଲାକାର୍ ସବୁକ୍ଷେତ୍ରର୍ ବିକାଶ୍‌କେ ଜୁଡ଼ିପାର୍‌ବା ବଲି କେନ୍ଦ୍ର କୃଷି ଆଉ କୃଷକ୍ କଲ୍ୟାଣ୍ ମନ୍ତ୍ରୀ ଶିବରାଜ୍ ସିଂ ଚୌହାନ୍ କହିଛନ୍ ।

ନୂଆଦିଲ୍ଲୀ ନ ଚୌଧୁରୀ ଚରଣ୍ ସିଂ ପୁରସ୍କାର୍-୨୦୨୫ ସମାରୋହଥି ସମ୍ବୋଧନ୍ କରିକରି ସେ ଇଟା କହିଛନ୍ । ସେ ଆହୁରି କହିଛନ୍, ଆଏବା ୨୦୨୬-୨୭ ବଜେଟ୍‌ଥି କୃଷି କ୍ଷେତ୍ର ଲାଗି ପରାମର୍ଶ ଦେବାର୍‌କେ ମନ୍ତ୍ରଣାଳୟ ପରାମର୍ଶ ଚାହିଁଛେ ।

ମୁଖ୍ୟମନ୍ତ୍ରୀ ବସ୍ ସେବା ଓଢଚଜ

ମୁଖ୍ୟମନ୍ତ୍ରୀ ବସ୍ ସେବା - ଏମ୍ ବି ଏସ୍ ବାବ୍‌ଦେ ରାଜ୍ୟସ୍ତରୀୟ ଷ୍ଟିଅରିଂ କମିଟିର୍ ବୈଠକ୍ ଆଏଜ୍ ଭୁବ୍‌ନେଶ୍ୱର୍ ଖାରବେଳ ଭବନ୍ ନ ହେଇଯାଇଛେ । ଇଥି ବାଣିଜ୍ୟ ଆଉ ପରିବହନ୍ ବିଭାଗ୍‌ର ପ୍ରମୁଖ ସଚିବ ଉଷା ପାଢ଼ୀ ଅଧ୍ୟକ୍ଷତା କରିଥିଲେ । ରାଏଜେ ସାର୍ବଜନୀନ ପରିବହନ୍ ପ୍ରଣାଳୀକେ ଅଏତ୍‌କା ବର୍‌କସ୍ କର୍‌ବାର୍ ଲାଗି ଚାଲିଥିବା ସଂସ୍କାର୍ ପ୍ରକ୍ରିୟା ଆଉ ଆଏବା ଖେପେ ହେବାର୍‌କେ ଥିବା ସଂସ୍କାର୍‌ର ରୂପରେଖ ଉପ୍‌ରେ ବୈଠକ୍‌ଥି ସମୀକ୍ଷା କରାଯାଇଛେ । ସହର୍ ଆଉ ଗାଁ ଇଲାକା ନ ଇ ବସ୍ ସେବାର୍ କ୍ଷମତା ବଢ଼ାବାର୍, ସହଜ୍ ଆଉ ଶସ୍ତା ପରିବହନ୍ ସୁନିଶ୍ଚିତ୍ କର୍‌ବାର୍ ଉପ୍‌ରେ ଭିଲ୍ ଆଲୋଚନା ହେଇଛେ । ଜିଲ୍ଲାସ୍ତର୍ ନ ଆସୁଥିବା ପ୍ରସ୍ତାବ୍ ଆଧାର୍‌ଥି ବସ୍ ରୁଟ୍ ମାନ୍‌କର୍ ପୁନଃ ସଂଗଠିତ୍ କରିକରି ବିଦ୍ୟାଳୟ, ଚିକିତ୍ସାଳୟ ଆଉ ଅଲ୍‌ଗା ଦର୍‌କାରୀ ସାର୍ବଜନୀନ ସଂସ୍ଥା ସାଙ୍ଗେ ସଂଯୋଗ୍ ସଶକ୍ତ କର୍‌ବାର୍

ଉପ୍‌ରେ ପ୍ରମୁଖ ସଚିବ ଶ୍ରୀମତୀ ପାଢ଼ୀ ଜୋର୍ ଦେଇଛନ୍ । ଇତାର୍‌ସହେତେ ମୁଖ୍ୟମନ୍ତ୍ରୀ ବସ୍ ସେବାଥି ମିଶନ୍ ଶକ୍ତି ଆଉ ମହିଲା ଏସ୍‌ଏଚ୍‌ଜି ମାନ୍‌କର୍ ବଡ଼ ଭୂମିକା ରହିଛେ ବଲି ସେ କହିଛନ୍ । ବୈଠକ୍‌ଥି ପରିବହନ ଆୟୁକ୍ତ ଅମିତାଭ୍ ଠାକୁର୍‌ଙ୍କର୍ ସହେତେ ଭିନ୍ ଭିନ୍ ବିଭାଗ୍‌ର ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ଝାର୍‌ସୁଗୁଡ଼ା- ପୂର୍ତମନ୍ତ୍ରୀ        ଝାର୍‌ସୁଗୁଡ଼ା ସମ୍ବାଦଦାତା

ଝାର୍‌ସୁଗୁଡ଼ା ଜିଲ୍ଲା ନ ପୂର୍ତମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ ୩ ଶହ ୪୩ କୋଟି ଟଙ୍କା ଖର୍ଚ୍ଚାଥି ତିଆର୍ ହେବାର୍‌କେ ଥିବା ୩୯ ଟା ପ୍ରକଳ୍ପର୍ ଆଏଜ୍ ଶିଲାନ୍ୟାସ୍ କରିଛନ୍ । ଝାର୍‌ସୁଗୁଡ଼ା ଜିଲ୍ଲା ନ ବିକାଶ୍ ଲାଗି ୫ ଶହ ୫୨ କୋଟି ଟଙ୍କାର୍ ପ୍ରକଳ୍ପକେ ପୂର୍ତ ବିଭାଗ୍ ତର୍‌ଫୁ ମଞ୍ଜୁରୀ ମିଲିଥିବାର୍ ବେଲେ ପହେଲା ଖେପେ ଇ ପ୍ରକଳ୍ପ ମାନ୍‌କର୍ ଶିଲାନ୍ୟାସ୍ କରାଯାଇଛେ । ଇତାର୍ ଭିତ୍‌ରେ ରାସ୍ତା, ବ୍ରିଜ୍, ଡ୍ରେନ୍ ତିଆରି ପ୍ରକଳ୍ପ ରହିଛେ । ଇ ଅବ୍‌ସରେ ମନ୍ତ୍ରୀ ଙ୍କର୍ ସାଙ୍ଗେ ଝାର୍‌ସୁଗୁଡ଼ା ବିଧାୟକ୍ ଟଙ୍କଧର୍ ତ୍ରିପାଠୀ ଜିଲ୍ଲାପାଲ୍ କୁନାଲ୍ ମୋତିରାମ୍ ଚୌହାନ୍ ଉପସ୍ଥିତ୍ ଥିଲେ ।

ଓସିଏସ୍‌ଏଏ -କର୍ମଶାଳା       ଓଛଚଜ

ରାଜ୍ୟ ସର୍କାର୍ଙ୍କର୍ କୃଷି ଆଉ କୃଷକ୍ ସଶକ୍ତିକରଣ୍ ବିଭାଗ୍ ତର୍ଫୁ ଭୁବ୍ନେଶ୍ୱର୍ ନ ଓଡ଼ିଶା ଜଳବାୟୁ - ଅନୁକୂଳ କୃଷି ସଂଗୋଷ୍ଠୀ - ଓସିଏସ୍ଏଏ ର ଗୁଟେ କର୍ମଶାଳା ଆଏଜ୍ ହେଇଯାଇଛେ । ଇଥି କୃଷି ବିଭାଗ୍ର ପ୍ରମୁଖ ଶାସନ୍ ସଚିବ ଡକ୍ଟର୍ ଅରବିନ୍ଦ ପାଢ଼ୀ ଯୋଗ୍ଦେଇକରି କହିଛନ୍, ଜଲ୍ବାୟୁ ପରିବର୍ତନ୍ର ମୁକାବିଲା ଏକ୍ଲା କର୍ବାର୍ ସମ୍ଭବ୍ ନୁହେଁ । ଇତାର୍ କୁ ପ୍ରଭାବ୍କେ ରୁକ୍ବାର୍ ଲାଗି ସଭେ ମିଶିକରି ଚେରେଷ୍ଟା କର୍ବାର୍କେ ପଡ଼୍ବା ବଲି ଶ୍ରୀ ପାଢ଼ୀ କହିଛନ୍ ।  ଇ ସଂଗୋଷ୍ଠୀଥି ବରିଷ୍ଠ ସର୍କାରୀ ଅଧିକାରୀ, ଗବେଷଣା ପ୍ରତିଷ୍ଠାନ୍ର ଅଧିକାରୀ, ଘରୋଇ କ୍ଷେତ୍ରର୍ ଅଂଶୀଦାର୍, ସାମାଜିକ୍ ସଂଗଠନ୍ମାନ୍କର୍ ପ୍ରତିନିଧି ଆଉ ନୀତି ବିଶେଷଜ୍ଞମାନେ ସାମିଲ୍ ହେଇଥିଲେ । ସଭେ ମିଶିକରି ସାରା ରାଏଜେ ଜଲ୍ବାୟୁ ଅନୁକୂଳ କୃଷି ପଦ୍ଧତିର୍ ପ୍ରସାର୍ ଲାଗି କାମ୍ କର୍ବେ ବଲି ଉପସ୍ଥିତ୍ ଥିବା ଅଧିକାରୀ ଆଉ ପ୍ରତିନିଧିମାନେ କହିଛନ୍ । ଇନ ଜନେଇ ଦିଆଯାଇପାରେ ଯେ, ରାଜ୍ୟ ସର୍କାର୍ଙ୍କର୍ କୃଷି ବିଭାଗ୍, ସେଂଟର୍ ଫର୍ ଷ୍ଟଡ଼ି ଅଫ୍ ସାଇନ୍ସ, ଟେକ୍ନୋଲୋଜି ଆଣ୍ଡ ପଲିସି ଆଉ କାଟାଲିଷ୍ଟ ମେନେଜ୍ମେଂଟ୍ ସର୍ଭିସେସ୍ ମିଶିକରି ଇ କର୍ମଶାଳା ଆୟୋଜନ୍ କରିଥିଲେ ।

ସର୍ଗିଫୁଲ୍ ମହୋତ୍ସବ      ଆର୍ଏନ୍ୟୁ/ କଟକ୍

ଭୁବ୍‌ନେଶ୍ୱର୍ ୟୁନିଟ୍-୧ ପଡ଼ିଆ ନ ଚାଲିଥିବା ସର୍ଗିଫୁଲ୍ ମହୋତ୍ସବ୍-୨୦୨୫ ଆଏଜ୍ ଶେଷ୍ ହେଉଛେ । ଉଦ୍‌ଯାପନୀ ସଞ୍ଜେ ଭିନ୍ ଭିନ୍ କାର୍ଯ୍ୟକ୍ରମ୍ ସହେତେ ଛାତ୍ରଛାତ୍ରୀମାନ୍‌କୁ ପୁରସ୍କୃତ୍ କରାଯିବା । ଚଲ୍‌ତି ବଛର୍ ୩ ଦିନ୍‌ତକ୍ ଚାଲିଥିବା ଇ ଉତ୍ସବ୍‌ଥି ସବୁ ଜିଲ୍ଲାନୁ ୧ ହଜାର୍ ଶହେ ୬୦ ଝନ୍ ଛାତ୍ରଛାତ୍ରୀ ଯୋଗ୍ ଦେଇଛନ୍ । ମହୋତ୍ସବ୍‌ଥି ବିଜ୍ଞାନ୍‌ମେଳାର୍ ଭିଲ୍ ଆୟୋଜନ୍ କରାଯାଇଛେ । ଅନୁସୂଚିତ ଜାତି ଆଉ ଜନଜାତି ଛାତ୍ରଛାତ୍ରୀମାନ୍‌କର୍ ଭିତ୍‌ରେ ଥିବା ପ୍ରତିଭାକେ ଲୋକଲୋଚନ୍‌କେ ଆନ୍‌ବାର୍ ଆଉ ସେମାନ୍‌କର୍ ଦକ୍ଷତାକେ ଅଏତ୍‌କା ବିକଶିତ୍ କର୍‌ବାର୍‌ଟା ଇ ମହୋତ୍ସବ୍‌ର ଲକ୍ଷ୍ୟ ଆଏ ।

ଦେବ୍‌ଗଡ୍‌- ଧାନ୍ ଘିନା ଓଢଚଜ

ଦେବ୍‌ଗଡ୍ ଜିଲ୍ଲା ନ ଆଏଜ୍‌ଠାନୁ ଧାନ୍ ଘିନା ମୁଲ୍ ହେଇଛେ । ଜିଲ୍ଲାର୍ ରିଆମାଲ୍ ବ୍ଲକ୍‌ନୁ ଧାନ୍ ଘିନା ପ୍ରକ୍ରିୟା ମୁଲ୍ ହେଇଛେ । ଚଲ୍‌ତି ଖରିଫ୍ ଋତୁଥି ଜିଲ୍ଲାର୍ ୫୧ ଟା ମଣ୍ଡି ନ ଧାନ୍ ଘିନାଯିବା । ଗଲାବଛର୍ ୧୯ ହଜାର୍ ୬ ଶହ ୬୨ ଝନ୍ ଚାଷୀ ଧାନ୍ ବିକ୍‌ବାର୍ ଲାଗି ପଞ୍ଜିକରଣ୍ କରିଥିବାର୍

ବେଲେ ଇ ବଛର୍ ୨୧ ହଜାର୍ ୪ ଶହ ୧୪ ଝନ୍ ଚାଷୀ ପଞ୍ଜିକରଣ୍ କରିଛନ୍ । ଧାନ୍ ଘିନା ଲାଗି ଇ ବଛର୍ ୬୨ ହଜାର୍ ୭ ଶହ ୪୭ ଏକଡ଼୍ ଜମି ପଞ୍ଜିକୃତ ହେଇଛେ । ପଞ୍ଜିକୃତ ଚାଷ୍ ଜମି ମାନ୍‌କର୍ ସାଟେଲାଇଟ୍ ସର୍ଭେ ଶେଷ୍ ହେଇଛେ । ଜିଲ୍ଲା ନ ୫୧ ଝନ୍ ମଣ୍ଡି ନୋଡ଼ାଲ୍ ଅଧିକାରୀ ଆଉ ୧୩ ଝନ୍ ମଣ୍ଡି ସୁପର୍‌ଭାଇଜିଂ ଅଧିକାରୀ ନିୟୋଜିତ ହେଇଛନ୍ । ସବୁ ମଣ୍ଡିମାନ୍‌କେ ଚାଷୀମାନ୍‌କର୍ ଲାଗି ଆନୁସଙ୍ଗିକ ବ୍ୟବସ୍ଥା କରାଯିବାର୍ ସହେତେ ସିସିଟିଭି ଲଗାଯାଇଛେ ।

ସମ୍ବଲ୍‌ପୁର୍-ଧାନ୍ ଘିନା          ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍‌ପୁର୍ ଜିଲ୍ଲାନ ସୁରୁଖୁରୁଥି ଧାନ୍ ଘିନା ଚାଲିଛେ । ଜିଲ୍ଲା ନ ମାତରକ ୬ ଶହ ଚାଷୀଙ୍କର୍ ୩ ନମ୍ବର୍ ଖେପ୍‌ଥି ଟୋକନ୍ ଦେବାର୍ ବାକିଅଛେ ବଲି ଜିଲ୍ଲାପାଲ୍ ସିଦ୍ଧେଶ୍ୱର୍ ବଳିରାମ୍ ବୋନ୍ଦର୍ କହିଛନ୍ । ଇ ୬ ଶହ ଚାଷୀ ଖାଲି ଦେଢ଼୍ ଶହ କ୍ୱିଂଟାଲ୍‌ନୁ ଅଏତ୍‌କା ଧାନ୍ ବିକ୍‌ବେ ବଲି ପଞ୍ଜିକରଣ୍ କରିଛନ୍ । ଗଲାବଛର୍‌ନୁ ଇ ବଛର୍ ୪ ହଜାର୍‌ନୁ ଅଏତ୍‌କା ଚାଷୀ ପଞ୍ଜିକରଣ୍ କରିଥିବାର୍ ବେଲେ ୭୪ ହଜାର୍ ଟୋକନ୍ ଆସିସାରିଛେ । ଆଗ୍‌କେ ବାକିଥିବା ଚାଷୀମାନେ ଭିଲ୍ ଟୋକନ୍ ପାଏବେ ବଲି ଜିଲ୍ଲାପାଲ୍ ପ୍ରତିଶ୍ରୁତି ଦେବାର୍

ସହେତେ ପହେଲା ଛୋଟ୍‌ଚାଷୀମାନେ ଧାନ୍ ବିକୁନ୍ ବଲି କହିଛନ୍ ।

ସମ୍ବଲ୍‌ପୁରୀ ଧନୁଯାତ୍ରା ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍‌ପୁର୍ ନ ଆଏବା ଜାନୁଆରୀ ୧୮ ତାରିଖ୍‌ନୁ ୨୨ ତାରିଖ୍‌ତକ୍ ୩ ନମ୍ବର୍ ସମ୍ବଲ୍‌ପୁରୀ ଧନୁଯାତ୍ରା ହେବା । ଇ ବାବ୍‌ଦେ ଆୟୋଜକ କମିଟିର୍ ସଭାପତି ସଞ୍ଜୟ ବାବୁ ସାମ୍ବାଦିକ୍ ସମ୍ମିଲନୀଥି ସୂଚ୍‌ନା ଦେଇକରି କହିଛନ୍, ସବୁବଛର୍ ବାଗିର୍ ଗଙ୍ଗାଧର୍ ମଣ୍ଡପ୍ ମଥୁରା ନଗରୀ ର କଂସ ଦର୍‌ବାର୍ ହେବା ଆଉ ଚାଉଁର୍‌ପୁର୍‌କେ ଗୋପପୁର୍ କରାଯିବା । ଇ ବଛର୍ ଆଘର୍ ବଛର୍‌ଠାନୁ ଦୁହି ମଂଚ୍‌କେ ଆହୁରି ଆକର୍ଷଣୀୟ କରାଯିବା ବଲି କମିଟିର୍ ସଭାପତି କହିଛନ୍ ।

(ଭଏସ୍ ଓଭର୍- ସଞ୍ଜୟ ବାବୁ)

ବାଲ୍‌ବୈଜ୍ଞାନିକ୍ ପ୍ରଦର୍ଶନୀ ମେଳା ଦେବ୍‌ଗଡ୍ ସମ୍ବାଦଦାତା

ଦେବ୍‌ଗଡ୍ ଟାଉନ୍ ଉଚ୍ଚବିଦ୍ୟାଳୟ ନ ଜିଲ୍ଲାସ୍ତରୀୟ ବାଲ୍‌ବୈଜ୍ଞାନିକ୍ ପ୍ରଦର୍ଶନୀ ମେଳା ଆଏଜ୍ ହେଇଯାଇଛେ । ଇଥି ରାଷ୍ଟ୍ରୀୟ ଆବିଷ୍କାର୍ ଅଭିଯାନ୍ ତର୍‌ଫୁ ବିଜ୍ଞାନ୍ ମେଳା,

ପ୍ରଶ୍ନଉତର୍ ପ୍ରତିଯୋଗିତା ଆଉ ଜିଲ୍ଲାସ୍ତରୀୟ ପିଏମ୍‌ଶ୍ରୀ ବିଦ୍ୟାଲୟ ପ୍ରଶ୍ନେତର୍ ପ୍ରତିଯୋଗିତା ହେଇଥିଲା । ଇଥି ଜିଲ୍ଲାପାଲ୍ କବୀନ୍ଦ୍ର କୁମାର୍ ସାହୁ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି କୁନି ବୈଜ୍ଞାନିକ୍‌ମାନ୍‌କୁ ଉତ୍ସାହିତ୍ କରିଥିଲେ ।

ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା-ଦେବ୍‌ଗଡ୍   ଦେବ୍‌ଗଡ୍ ସମ୍ବାଦଦାତା

ଦେବ୍‌ଗଡ୍ ଜିଲ୍ଲାପାଲ୍‌ଙ୍କର୍ ବିକାଶ୍ ଭବନ୍ ସମ୍ମିଳନୀ କକ୍ଷ ନ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ବାବ୍‌ଦେ ଗୁଟେ ତୟାରି ବୈଠକ୍ ଆଏଜ୍ ହେଇଯାଇଛେ । ଆଏବା ଫେବୃଆରୀ ୪ ତାରିଖ୍ ଦିନ ଜିଲ୍ଲାର୍ ବିଜୁ ପଟ୍ଟନାୟକ୍ ପ୍ରେକ୍ଷାଳୟ ନ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ଆୟୋଜନ୍ ହେବା । ଇଥି ୧୮ ନୁ ୩୫ ବଛର୍ ବୟସର୍ ଚାକିରୀ ଆଶାୟୀ ଯୁଆନ୍ ପିଲାଟୁକେଲ୍ ଆସିପାର୍‌ବେ । ଜିଲ୍ଲା ନ ଇ ବାବ୍‌ଦେ ସଚେତନତା ସୃଷ୍ଟି କର୍‌ବାର୍ ଲାଗି ଗୋଷ୍ଠୀ ଉନ୍ନୟନ୍ ଅଧିକାରୀମାନ୍‌କୁ ଜିଲ୍ଲାପାଲ୍ କବୀନ୍ଦ୍ର କୁମାର୍ ସାହୁ ନିର୍ଦ୍ଦେଶ୍ ଦେଇଛନ୍ । ଇ ନିଯୁକ୍ତି ମେଳାଥି ଭିନ୍‌ଭିନ୍ ଘରୋଇ ସଂସ୍ଥା ସାମିଲ୍ ହେବେ ।

ନୂଆପଡ଼ା- ଧାନ୍ ଘିନା        ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ନ ଗଲାକାଏଲ୍‌ତକ୍ ୩ ଲାଖ୍ କ୍ୱିଂଟାଲ୍ ଧାନ୍ ଘିନାଯାଇଛେ ବଲି ଜିଲ୍ଲା ଯୋଗାଣ ବିଭାଗ୍ ତର୍‌ଫୁ ସୂଚ୍‌ନା ମିଲିଛେ । ନୂଆପଡ଼ା ଜିଲ୍ଲା ନ ୭୦ ଟା ମଣ୍ଡିଥି ଧାନ୍ ଘିନା ଚାଲିଛେ । ଏବ୍‌ତକ୍ ୭ ହଜାର୍ ୨ ଶହ ୨୯ ଝନ୍ ଚାଷୀମାନ୍‌କର୍‌ନୁ ଧାନ୍ ଘିନାଯାଇଛେ ।

ଭାରତ୍ ସ୍କାଉଟ୍ ଆଉ ଗାଇଡ୍ କେମ୍ପୋରି ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ନ ଚାଲିଥିବା ୩ ଦିନିଆ ଜିଲ୍ଲାସ୍ତରୀୟ ଭାରତ୍ ସ୍କାଉଟ୍ ଆଉ ଗାଇଡ୍ କେମ୍ପୋରି ଆଏଜ୍ ଉଦ୍‌ଯାପିତ୍ ହେଇଛେ । ଇଥି ଭାରତ୍ ସ୍କାଉଟ୍ ଆଉ ଗାଇଡ୍ ସଂଗଠନ୍‌ର ରାଜ୍ୟ ମୁଖ୍ୟ କମିଶନର୍ ଡକ୍ଟର୍ କାଳୀପ୍ରସାଦ୍ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ । ଇ ୩ ଦିନିଆ କେମ୍ପୋରିଥି ବେଣ୍ଡ ପ୍ରଦର୍ଶନ୍, ଡ୍ରାମା, କଲର୍‌ପାର୍ଟି, ଲୋକନୃତ୍ୟ ବାଗିର୍ ପ୍ରତିଯୋଗିତା ହେଇଥିଲା । ଇଥି ଜିଲ୍ଲାର୍ ଭିନ୍ ଭିନ୍ ବିଦ୍ୟାଳୟନୁ ୫ ଶହ ଛାତ୍ରଛାତ୍ରୀ ସାମିଲ୍ ହେଇଥିଲେ ।

ବର୍‌ଗଡ୍- ମତଦାନ୍ କେନ୍ଦ୍ର ବର୍‌ଗଡ୍ ସମ୍ବାଦଦାତା

ବର୍‌ଗଡ଼୍ ଜିଲ୍ଲାର୍ ଗୁଟେ ଲୋକ୍‌ସଭା ଆଉ ୫ ଟା ବିଧାନ୍‌ସଭା ନିର୍ବାଚନ୍ ମଣ୍ଡଲୀ ନ ମତଦାନ୍ କେନ୍ଦ୍ର ଆଉ ବୁଥ୍ ମାନ୍‌କର୍ ସୁବ୍ୟବସ୍ଥାକରଣ୍ କରାଯିବା । ଇଥିର୍‌ଲାଗି ଜିଲ୍ଲାପାଲ୍‌ଙ୍କର୍ ସମ୍ମିଲନୀ କକ୍ଷ ନ ଆଏଜ୍ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ରାଜନୈତିକ୍ ଦଲ୍‌ମାନ୍‌କର୍ ସାଙ୍ଗେ ବୈଠକ୍ ହେଇଯାଇଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଜବର୍ ଶୀତ୍ ଲାଗି ରହିଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଗଲା ରାତି ଫୁଲ୍‌ବାଣୀ ନ ରାଜ୍ୟର୍ ସବୁନୁ କମ୍ ତାପମାତ୍ରା ୫ ଦଶ୍‌ମିକ୍ ୮ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼ କରାଯାଇଛେ ଆଉ ୮ ଟା ସହରର୍ ତାପମାତ୍ରା ୧୦ ଡିଗ୍ରୀ ତଲେ ରହିଥିଲା ।